# ଓଡିଶା ବିଧାନସଭା

## ଷୋଡଶ ବିଧାନସଭା

## ପଞ୍ଚଦଶ ଅଧିବେଶନ

## ଶନିବାର , ନଭେମ୍ବର ୨୧ , ୨୦୨୦

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ପ୍ରଶ୍ନ ସଂଖ୍ୟା - ୭୬

**( ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି,ବିଜ୍ଞାନ ଓ କାରିଗରୀ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ,ସରକାରୀ ଉଦ୍ୟୋଗ )**

### ଭତ୍ତା ପାଇଥିବା ହିତାଧିକାରୀଙ୍କ ସଂଖ୍ୟା

**୮୫ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ସମୁଦାୟ କେତେଜଣ ହିତାଧିକାରୀ ସରକାରଙ୍କ କେଉଁ କେଉଁ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ପାଉଛନ୍ତି ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; ନୟାଗଡ ଜିଲ୍ଲାର ପ୍ରତ୍ୟେକ ବ୍ଲକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମୁନିସିପାଲଟିରେ କେତେ ଲୋକ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ପାଉଛନ୍ତି ଓ ଚଳିତ ବର୍ଷ ଆଉ କେତେ ଲୋକଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଛି ଓ ପ୍ରଦାନ କରାଯିବାର ଯୋଜନା ଅଛି ଜଣାଇବେ କି?

### ପ୍ରଶିକ୍ଷଣ ପାଇଁ ବ୍ୟୟର ପରିମାଣ

**୮୬ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବିଗତ ତିନିବର୍ଷ ମଧ୍ୟରେ ନୟାଗଡ ଜିଲ୍ଲାର କେଉଁ ବ୍ଲକ ଓ ପୌରାଞ୍ଚଳର କେତେଜଣ ଯୁବକ ଓ ଯୁବତୀଙ୍କୁ କେଉଁ କେଉଁ ପ୍ରକାରର ପ୍ରଶିକ୍ଷଣ ଦିଆଯାଇ କେତେ ଅର୍ଥ ବ୍ୟୟ କରାଯାଇଅଛି ତାହାର ସବିଶେଷ ତଥ୍ୟ ଅନୁଷ୍ଠାନୱାରୀ ପ୍ରଦାନ କରିବେ କି ; ତାଲିମପ୍ରାପ୍ତ ଯୁବକ ଯୁବତୀମାନଙ୍କ ମଧ୍ୟରୁ ଅଦ୍ୟାବଧି କେତେଜଣ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି ଓ କେତେଜଣ ନିଯୁକ୍ତି ପାଇନାହାନ୍ତି ତାହାର ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି?

### ଛତୁଆ ପ୍ରସ୍ତୁତି ଓ ବିତରଣ କାର୍ଯ୍ୟରେ ନିୟୋଜିତ ଅଙ୍ଗନୱାଡି କେନ୍ଦ୍ର

**୮୭ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି

କହିବେ କି - ରାଜ୍ୟରେ ବର୍ତ୍ତମାନ କେତେଗୋଟି SHG ର କେତେ ସଂଖ୍ୟକ ସଦସ୍ୟ/ସଦସ୍ୟାଙ୍କୁ କେତେଗୋଟି ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ପ୍ରସ୍ତୁତି ଓ ବିତରଣ କାର୍ଯ୍ୟରେ ନିୟୋଜିତ କରାଯାଇଅଛି ଏବଂ ଏ ବାବଦରେ ଚଳିତ ବର୍ଷ କେତେ ଟଙ୍କା ବ୍ୟୟବରାଦ କରାଯାଇଛି ତାହାର ବ୍ଲକୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତେଗୋଟି ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ରର କେତେ ସଂଖ୍ୟକ ପିଲାଙ୍କୁ କେଉଁ କେଉଁ SHG ଦ୍ୱାରା ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ଯୋଗାଇ ଦିଆଯାଇ ଏ ବାବଦରେ ବିଗତ 3 ବର୍ଷ ମଧ୍ୟରେ କେତେ ଟଙ୍କା ବ୍ୟୟ ବରାଦ କରାଯାଇଅଛି ତାହାର ସବିଶେଷ ବ୍ଲକ, ପୌରାଞ୍ଚଳ ଓ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି?

## ପରିଚାଳିତ Science Park ଓ Planetorium ର ତଥ୍ୟ

**୮୮ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଅଦ୍ୟାବଧି କେତେଗୋଟି Science Park ଓ Planetorium ବିଭାଗ ଦ୍ୱାରା ପରିଚାଳିତ ହେଉଅଛି ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; ନୟାଗଡ ଜିଲ୍ଲାରେ ଏକ Science Park ଓ Planetorium ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଅଛି?

## ଗୃହ ନିର୍ମାଣ କାର୍ଯ୍ୟ ବାକିଥିବା କେନ୍ଦ୍ରର ତଥ୍ୟ

**୮୯ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ସମୁଦାୟ କେତେଗୋଟି ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ର ଅଛି ; ତନ୍ମଧ୍ୟରୁ କେତେଗୋଟିର ନିଜସ୍ୱ ପକ୍କା ଗୃହ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ତଥା-ପାନୀୟ ଜଳ, ବିଦ୍ୟୁତ ଓ ପାଇଖାନାର ବ୍ୟବସ୍ଥା ଅଛି ; କେତୋଟି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଚାଲୁଅଛି ଓ ଅବଶିଷ୍ଟ କେତେଗୋଟି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ବାକି ଅଛି ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; ପ୍ରଚଳିତ ନିୟମ ଅନୁଯାୟୀ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ କେଉଁ ବ୍ଲକରେ ପୁଣି କେତେଗୋଟି ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ର ଖୋଲିବାର ଆବଶ୍ୟକତା ଅଛି ଓ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବେ କି?

## ବିଶ୍ୱ କ୍ଷୁଧା ଇଣ୍ଡେକ୍ସ ସମ୍ପର୍କରେ

**୯୦ . ଶ୍ରୀ ମୋହନ ଚରଣ ମାଝୀ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି

କହିବେ କି - ବିଶ୍ୱ କ୍ଷୁଧା ଇଣ୍ଡେକ୍ସରେ ଭାରତର ସ୍ଥାନ ଦ୍ୱିତୀୟ ରହିଥିବା ସ୍ଥଳେ ଦେଶର ଅନ୍ୟାନ୍ୟ ଗରିବ ରାଜ୍ୟମାନଙ୍କ ତୁଳନାରେ ଓଡିଶାରେ ଏହି ହାର ଉଦବେଗଜନକ ଦର୍ଶାଯାଇଛି ; ଏହି ପରିପ୍ରେକ୍ଷୀରେ ରାଜ୍ୟର ସ୍ଥିତି ବିଶେଷ କରି 0-5 ବର୍ଷ ଶିଶୁଙ୍କ ପୁଷ୍ଟିହୀନତା, ଓଜନ ଓ ଉଚ୍ଚତା ହାର, ମହିଳାଙ୍କ ମଧ୍ୟରେ ରକ୍ତହୀନତା ହାର ଅଧିକ ଥିବାରୁ ଏହା ଚିନ୍ତାଜନକ କି ; ଯଦି ଏଥିରେ ସତ୍ୟତା ଅଛି, ତେବେ ଏ ସମ୍ପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ଯଦି ନା, ତେବେ ଗତ 10 ବର୍ଷରେ ଓଡିଶାରେ ଏହି ସ୍ଥିତି କଣ ଥିଲା ଏଥିରେ କି ଉନ୍ନତି ଆସିଛି ସେ ବିଷୟରେ ବର୍ଷୱାରୀ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି ?

## ସାମୁଦ୍ରିକ ପ୍ରାଣୀ ବିଜ୍ଞାନକୁ ଲୋକପ୍ରିୟ କରିବାକୁ ପଦକ୍ଷେପ

**୯୧ . ଶ୍ରୀ ମୋହନ ଚରଣ ମାଝୀ :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଡିଶାର 480 କି.ମି. ଦୀର୍ଘ ବେଳାଭୂମୀ ବ୍ୟାପୀ ସମୁଦ୍ର ସହିତ ଏସିଆର ବୃହତ୍ ଚିଲିକା ହ୍ରଦ ରାଜ୍ୟର ବହୁଳ ଭାବେ ଅନାବିଷ୍କୃତ ସମ୍ପଦ ; ନୌବାଣିଜ୍ୟରେ ଏକଦା ସମୃଦ୍ଧ ଏହି ରାଜ୍ୟ ସକାଶେ ସାମୁଦ୍ରିକ ବିଜ୍ଞାନ ହେଉ ବା ସାମୁଦ୍ରିକ ପ୍ରାଣୀ ବିଜ୍ଞାନ, ଜଳଜ ବିଜ୍ଞାନ ସମ୍ପର୍କରେ ଉଚ୍ଚତର ଗବେଷଣାର ଆବଶ୍ୟକତା ରହିଥିବା ସରକାର ବିଚାର କରୁଛନ୍ତି କି ; ଏ କ୍ଷେତ୍ରରେ ଗବେଷଣା କରାଗଲେ, କେବଳ ମତ୍ସ୍ୟ ସମ୍ପଦ ପାଇଁ ନୁହେଁ, ସମ୍ଭବତଃ ଓଡିଶା ସମୁଦ୍ର ଗର୍ଭର ରହସ୍ୟ ଭେଦ କରିହେବ ; ଏହି ପରିପ୍ରେକ୍ଷୀରେ ଅନ୍ୟାନ୍ୟ ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟ ଯଥା-ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, କେରଳ, ଗୁଜୁରାଟ୍, ଗୋଆ ପରି ସାମୁଦ୍ରିକ ପ୍ରାଣୀ ବିଜ୍ଞାନକୁ ଲୋକପ୍ରିୟ କରିବା ନିମନ୍ତେ ବିଜ୍ଞାନ ଓ ବୈଷୟିକ ଜ୍ଞାନ ବିଭାଗ ପକ୍ଷରୁ କି ପଦକ୍ଷେପ ନେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ?

## ବନମଣ୍ଡଳରେ ବନୀକରଣ କାର୍ଯ୍ୟର ତଦାରଖ

**୯୨ . ଶ୍ରୀ ମୋହନ ଚରଣ ମାଝୀ :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଜିଓଗ୍ରାଫିକ୍ ଇନଫର୍ମେସନ ସିଷ୍ଟମ (ଜିଆଇଏସ୍) ଓ ରିମୋଟ୍ ସେନସିଂ ଭିତ୍ତିକ ତଦାରଖ ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର କେତେ ବନ ମଣ୍ଡଳ (ଡିଭିଜନ) ରେ ବନୀକରଣ କାର୍ଯ୍ୟର ତଦାରଖ ସରିଛି ଏବଂ ସେଥିମଧ୍ୟରୁ କେଉଁ କେଉଁ ବନ ମଣ୍ଡଳରେ ସରକାରୀ ରେକର୍ଡ ମୁତାବକ ଲଗାଯାଇଥିବା ଗଛଗୁଡିକ ସଂଖ୍ୟାରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି ନା ବନୀକରଣ କାର୍ଯ୍ୟ ସଫଳତାର ସହିତ ହୋଇଛି ସେ ବିଷୟରେ ବିସ୍ତୃତ ଭାବେ ଉଲ୍ଲେଖ କରିବେ କି ; ସେହିପରି ଜଙ୍ଗଲ ବିଭାଗ ନିମନ୍ତେ ଜିଆଇଏସ୍ ଓ ଆରଏସ୍ ଭିତ୍ତିରେ କେତେ ସଂଖ୍ୟକ ବନ ମଣ୍ଡଳରେ ଜଙ୍ଗଲ ସମ୍ପଦ ଓ ସଂରକ୍ଷଣ

ଯୋଜନା ସଂକ୍ରାନ୍ତ ମାନଚିତ୍ର ପ୍ରସ୍ତୁତ ହୋଇସାରିଛି ; ସେହି ମାନଚିତ୍ର ଅନୁଯାୟୀ ଜଙ୍ଗଲ ସମ୍ପଦ ଓ ସଂରକ୍ଷଣ ଯୋଜନା କେତେ ଦୂର କାର୍ଯ୍ୟକାରୀ ହୋଇଛି ସେ ନେଇ ବନ ମଣ୍ଡଳୱାରୀ ତଥ୍ୟ ପ୍ରଦାନ କରିବେ କି?

**ସ୍କିଲଡ୍ ଇନ୍ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କରେ**

**୯୩ . ଶ୍ରୀ ମୋହନ ଚରଣ ମାଝୀ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଡିଶାରେ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ଯୁବକ ଯୁବତୀଙ୍କୁ ତାଲିମ/ପ୍ରଶିକ୍ଷଣ ଦିଆଯାଇଛି ଏବଂ ବିଶେଷ କରି ରାଜ୍ୟରେ 'ସ୍କିଲଡ୍ ଇନ୍ ଓଡିଶା' କାର୍ଯ୍ୟକ୍ରମ କେବେଠାରୁ ଆରମ୍ଭ ହୋଇଛି ଏବଂ ସେହି କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ଯୁବକ ଯୁବତୀଙ୍କୁ ତାଲିମ/ପ୍ରଶିକ୍ଷଣ ଦିଆଯାଇଛି, ସେହି ତାଲିମପ୍ରାପ୍ତ ଯୁବକ ଯୁବତୀମାନଙ୍କ ମଧ୍ୟରୁ କେତେ ସଂଖ୍ୟକ ରାଜ୍ୟ ଭିତରେ ଓ ବାହାରେ ସରକାରୀ ଭାବେ ହେଉ ବା ଘରୋଇ କମ୍ପାନୀରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ; ଅନ୍ୟ ରାଜ୍ୟମାନଙ୍କ ପରି କେତେଜଣ ପ୍ରାର୍ଥୀମାନଙ୍କୁ ସିଧାସଳଖ ସାକ୍ଷାତକାର ବା ୱାକ୍-ଇନ୍ ନିମନ୍ତେ ଆହ୍ୱାନ କରାଯାଇଛି ସେ ବିଷୟରେ ଗତ 2012 ମସିହାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ବର୍ଷ ଓ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି?

**ଶିଶୁକନ୍ୟାଙ୍କ ସମ୍ପର୍କରେ**

**୯୪ . ଶ୍ରୀ ମୋହନ ଚରଣ ମାଝୀ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଗତ 10 ବର୍ଷରେ ରାଜ୍ୟରେ ଶିଶୁ, ବିଶେଷ କରି ଶିଶୁକନ୍ୟାଙ୍କ ଜନ୍ମବେଳର ଓଜନ, 5 ବର୍ଷରୁ କମ୍ ବୟସର ଶିଶୁଙ୍କ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଅଟକିଯିବା (ଷ୍ଟଣ୍ଟିଂ), ହାରାହାରି ଓଜନ ଓ ଉଚ୍ଚତା, ପୁଷ୍ଟିହୀନତା, ମହିଳାଙ୍କ ହାରାହାରି ଓଜନ, ଉଚ୍ଚତା ଓ ପୁଷ୍ଟିହୀନତା, ରକ୍ତହୀନତା ଆଦି କେତେ, ବିଶେଷ କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଏହି ହାର କେତେ ଓ ଏହାର ଅଭିବୃଦ୍ଧି ନିମନ୍ତେ କେଉଁ ଯୋଜନାରେ କେତେ ଅର୍ଥ ବିନିଯୋଗ କରାଯାଇଛି ତାହାର ବର୍ଷୱାରୀ ଓ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; 2022 ସୁଦ୍ଧା କେନ୍ଦ୍ର ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ହାର ବୃଦ୍ଧି ପାଇଁ କେତେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଓଡିଶା ସେହି ଲକ୍ଷ୍ୟରେ ପହଞ୍ଚିବାକୁ ବର୍ତ୍ତମାନ ସୁଦ୍ଧା କି କି ପଦକ୍ଷେପ ନେଇଛି ତାହାର ବିବରଣୀ ଦେବେ କି?

**ସାମଗ୍ରୀ ପ୍ରସ୍ତୁତ ପାଇଁ ଗୋଷ୍ଠୀମାନଙ୍କ ପାଖରେ ଥିବା ପୁଞ୍ଜି ସମ୍ପର୍କରେ**

**୯୫ . ଶ୍ରୀ ମୁକେଶ ମହାଲିଙ୍ଗ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ

କି - (କ) Covid-19 ର ମୁକାବିଲା ପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀ ମଧ୍ୟରୁ ବଲାଙ୍ଗିର ଜିଲ୍ଲାର କେଉଁ କେଉଁ ସ୍ୱୟଂ ସହାୟକ ଗୋଷ୍ଠୀ କେଉଁ କେଉଁ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ଓ ଏହି ଜିନିଷ ପ୍ରସ୍ତୁତ ପାଇଁ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଖରେ କେତେ ପୁଞ୍ଜି ଅଛି ; ଏହି ପୁଞ୍ଜି ମଧ୍ୟରୁ ରାଜ୍ୟ ରାଜକୋଷରୁ କେତେ ଦିଆଯାଇଛି ଓ ବ୍ୟାଙ୍କରୁ କେତେଟଙ୍କା ଋଣ ସହାୟତା ପାଇଛନ୍ତି ; ବଲାଙ୍ଗିର ଜିଲ୍ଲାର ବ୍ଲକୱାରୀ ଓ SHGୱାରୀ ତଥ୍ୟ ଦେବେ କି ; (ଖ) Covid-19 ର ମୁକାବିଲା ପାଇଁ ସରକାର ବଲାଙ୍ଗିର ଜିଲ୍ଲାର କେଉଁ SHG ରୁ କେତେ ପରିମାଣର କେଉଁ ସାମଗ୍ରୀ କେତେ ଦରରେ କ୍ରୟ କରିଛନ୍ତି ; SHG ୱାରୀ ତଥ୍ୟ ଦେବେ କି?

## ହିତାଧିକାରୀ ଚୟନରେ ସ୍ୱଚ୍ଛତାର ଅଭାବ

**୯୬ . ଶ୍ରୀ ମୁକେଶ ମହାଲିଙ୍ଗ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ସାମାଜିକ ସୁରକ୍ଷା ଯୋଜନାରେ ସରକାର ଭତ୍ତା ପାଇଁ ଆବେଦନ କରୁଥିବା ଦରଖାସ୍ତକାରୀଙ୍କ ଦରଖାସ୍ତକୁ ବିଚାରକୁ ନେଲାବେଳେ ହିତାଧିକାରୀ ଚୟନରେ ସ୍ୱଚ୍ଛତାର ଅଭାବ ଯୋଗୁଁ ଅନେକ ବରିଷ୍ଠ ବୟସ୍କ ନାଗରିକ ପେନସନରୁ ବଞ୍ଚିତ ହେଉଥିବା ବେଳେ କନିଷ୍ଠ ବୟସ୍କ ନାଗରିକଙ୍କ ଦରଖାସ୍ତ ମଞ୍ଜୁର ହେଉଥିବା ସତ୍ୟ କି, ଯଦି ଉତ୍ତର ନା୍ ହୁଏ, ତେବେ ଗ୍ରାମ ତଥା ପଞ୍ଚାୟତ ସ୍ତରରେ ଡିସେମ୍ବର 2020 ସୁଦ୍ଧା ସାନି ସର୍ଭେ କରାଯାଇ ବୟସ୍କ ହିତାଧିକାରୀଙ୍କ ଦରଖାସ୍ତ ସଂଗ୍ରହ କରି ଯୋଗ୍ୟ ହିତାଧିକାରୀଙ୍କ Priority ତାଲିକା ସହ ଅଯୋଗ୍ୟ ହିତାଧିକାରୀଙ୍କର ତାଲିକା ସମସ୍ତଙ୍କ ଅବଗତି ନିମନ୍ତେ ସରକାରଙ୍କ Web Portal ରେ ଜାନୁଆରୀ 2021 ସୁଦ୍ଧା ପ୍ରକାଶ କରି ଚୟନ ପଦ୍ଧତିରେ ସ୍ୱଚ୍ଛତା ଆଣିବେ କି ?

## ପେନସନ୍ ପାଇଁ ଅଯୋଗ୍ୟ ଦରଖାସ୍ତକାରୀଙ୍କ ତଥ୍ୟ

**୯୭ . ଶ୍ରୀ ମୁକେଶ ମହାଲିଙ୍ଗ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଷୋଡଶ ବିଧାନସଭାର ଚତୁର୍ଥ ଅଧିବେଶନ ଅଣତାରକା ପ୍ରଶ୍ନ ସଂଖ୍ୟା 534 ତା.4.10.2020 ରିଖ ପାଇଁ ସରକାର ଦେଇଥିବା ଉତ୍ତର ଅନୁଯାୟୀ ଆଜି ପର୍ଯ୍ୟନ୍ତ ଲୋଇସିଂହା ନିର୍ବାଚନ ମଣ୍ଡଳୀର ପେନସନ୍ ପାଇଁ ଦରଖାସ୍ତ ଦେଇ ଅଯୋଗ୍ୟ ଘୋଷିତ ହୋଇଥିବା ହିତାଧିକାରୀଙ୍କ ତାଲିକା ଗୃହରେ ପ୍ରକାଶ କରାଯାଇ ପାରିଲା ନାହିଁ ଓ ସରକାରଙ୍କ ପାଖରେ ତଥ୍ୟ ନଥିବାରୁ ଉପରୋକ୍ତ ତଥ୍ୟ ଯୋଗାଇବା ପାଇଁ ମଧ୍ୟ ଗୃହକୁ ନିର୍ଭର ପ୍ରତିଶୃତି ଦେଇପାରୁ ନାହାଁନ୍ତି, ପେନସନ୍ ପାଇଁ ଅଯୋଗ୍ୟ ଦରଖାସ୍ତକାରୀଙ୍କର ତଥ୍ୟ ଦେବାକୁ ଅସମର୍ଥ ଥିବା ସରକାରଙ୍କ

ହିତାଧିକାରୀ ଚୟନ ପଦ୍ଧତିର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ 'ମୋ ସରକାର' ଙ୍କର 5T ର ବିରୁଦ୍ଧାଚରଣ କରୁନାହିଁ କି, ଯଦି ଉତ୍ତର ହଁ ହୁଏ ତେବେ କେବେ ସୁଦ୍ଧା ବଲାଙ୍ଗିର ଜିଲ୍ଲାର web portal ରେ ପେନସନ୍ ପାଇଁ ଯୋଗ୍ୟ ଓ ଅଯୋଗ୍ୟ ଦରଖାସ୍ତକାରୀଙ୍କ ତାଲିକା କେବେ ସୁଦ୍ଧା ପ୍ରକାଶ କରାଯିବାକୁ ସରକାର ପଦକ୍ଷେପ ନେବେ ?

## Unemployed ଙ୍କ ସମ୍ପର୍କରେ ତଥ୍ୟ

**୯୮ . ଶ୍ରୀ ମୁକେଶ ମହାଲିଙ୍ଗ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ତା.31.10.2020 ସୁଦ୍ଧା କେତେ ଜଣ ଯୁବକ ଓ ଯୁବତୀ ରାଜ୍ୟରେ Unemployed ଅଛନ୍ତି, ଏହି ଯୁବକ ଓ ଯୁବତୀ ମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ Skill Maping ସମ୍ବନ୍ଧୀୟ ତଥ୍ୟ ସରକାରଙ୍କର ପାଖରେ ଅଛି କି, ଯଦି ଉତ୍ତର ହଁ ହୁଏ, ଜିଲ୍ଲାୱାରୀ ତାର ଏକ ତଥ୍ୟ ଦେବେ କି, ଯଦି ତଥ୍ୟ ନାହିଁ ତେବେ Unemployed ଯୁବକ ଓ ଯୁବତୀ ମାନଙ୍କୁ ନିଯୁକ୍ତି ସୁଯୋଗ ଦେବା ପାଇଁ ସରକାର ବିଗତ 20 ବର୍ଷରେ କେଉଁ କେଉଁ ପ୍ରକାର ଦୀର୍ଘମିଆଦି ଯୋଜନା କାର୍ଯ୍ୟକରି ରାଜ୍ୟର ନିଜସ୍ୱ ବଜେଟରୁ କେତେ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ଦେଇଛନ୍ତି ଜିଲ୍ଲାୱାରୀ ତଥ୍ୟ ଦେବେ କି, ଏବଂ (ଖ) ବିଗତ 20 ବର୍ଷରେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟରେ ପଞ୍ଜିକୃତ କରି ବୟସାଧିକ୍ୟ ଯୋଗୁଁ ଚାକିରୀ ପାଇବା ସୁଯୋଗରୁ ଅଯୋଗ୍ୟ ଘୋଷିତ ହୋଇ ପଞ୍ଜିକୃତ ତାଲିକାରୁ ବାଦ ପଡିଥିବା ରାଜ୍ୟର Unemployed ଯୁବକ ଓ ଯୁବତୀଙ୍କ ସଂଖ୍ୟା କେତେ, ଜିଲ୍ଲାୱାରୀ ତଥ୍ୟ ଦେଇ ଏହି ଯୁବକ ଯୁବତୀଙ୍କ ନିଯୁକ୍ତି ପାଇଁ ସରକାର ନିଜସ୍ୱ ବଜେଟ ତଥା ରାଜକୋଷରୁ କେତେ ପାଣ୍ଠି ବିନିଯୋଗ କରି କେତେ ଜଣଙ୍କୁ ରାଜ୍ୟ ସରକାରଙ୍କର କେଉଁ ଯୋଜନାରେ ନିଯୁକ୍ତି ଦେଇଛନ୍ତି।

## ଜମି ଅଧିଗ୍ରହଣ ପାଇଁ ନେଇଥିବା ପଦକ୍ଷେପ

**୯୯ . ଶ୍ରୀ ମୁକେଶ ମହାଲିଙ୍ଗ :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଷୋଡଶ ବିଧାନ ସଭାର ଚତୁର୍ଥ ଅଧିବେଶନର ଅଣତାରକା ପ୍ରଶ୍ନ ସଂଖ୍ୟା 535 ତା.4.10.2020 ରିଖର ଉତ୍ତର ଅନୁଯାୟୀ ବଲାଙ୍ଗୀର ଜିଲ୍ଲାର ସର୍ବସାଧାରଣଙ୍କ ନିମନ୍ତେ Science Centre/ Park and Planetarium ପ୍ରକଳ୍ପ ପାଇଁ ବଲାଙ୍ଗିର 'ଗ' ମୌଜାଠାରେ ଚିହ୍ନିତ 6.010 ଏକର ଜମିକୁ ଅଧିଗ୍ରହଣ ପାଇଁ ସରକାର ଆଜି ପର୍ଯ୍ୟନ୍ତ କଣ ପଦକ୍ଷେପ ନେଇଛନ୍ତି ତାର ବିଶେଷ ବିବରଣୀ ଦେବେ କି, ଯଦି ଜମି ଅଧିଗ୍ରହଣ ସରିଲାଣି ତେବେ କେବେ ସୁଦ୍ଧା ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ, ଯଦି

ଜମି ଅଧିଗ୍ରହଣ ହୋଇପାରୁନାହିଁ ତେବେ ସରକାରଙ୍କ ଆନ୍ତରିକ ଦୃଷ୍ଟିଭଙ୍ଗୀ କଣ ବଲାଙ୍ଗୀର ଜିଲ୍ଲାର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇବେ କି ?

## କୁଷ୍ଠରୋଗୀଙ୍କ କଲ୍ୟାଣ ପାଇଁ ପଦକ୍ଷେପ

**୧୦୦ . ଶ୍ରୀ ସୌଭିକ୍ ବିଶ୍ୱାଳ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ କେଉଁ ଜିଲ୍ଲାର କେଉଁ ପୌରସଂସ୍ଥା ଓ ବ୍ଲକ ଅଞ୍ଚଳରେ କେତେ କୁଷ୍ଠରୋଗୀ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ରହଣୀ ପାଇଁ କେତେ ପରିବାର ରହିବାର ସୁବିଧାଥିବା କେତେଗୋଟି କୁଷ୍ଠାଶ୍ରମ ବା କୁଷ୍ଠ କଲୋନୀ ପ୍ରତିଷ୍ଠା ହୋଇଛି ଓ କୁଷ୍ଠରୋଗୀଙ୍କ କଲ୍ୟାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

## ଭବନାନନ୍ଦ ସ୍କୁଲ ଅଫ ଇଞ୍ଜିନିୟରିଂକୁ ଉନ୍ନୀତ

**୧୦୧ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଟକ ଭୁବନାନନ୍ଦ ସ୍କୁଲ ଅଫ ଇଞ୍ଜିନିୟରିଂକୁ ଉନ୍ନୀତ କରାଯାଇ ଏଠାରେ ସ୍ନାତକ ଶ୍ରେଣୀ ଖୋଲିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ବାଙ୍କୀରେ Govt. I.T.I. ଖୋଲିବା ପାଇଁ ପଦକ୍ଷେପ

**୧୦୨ . ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଅନେକ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ କାର୍ଯ୍ୟ କରୁଛି ଓ ନୂତନ ଭାବେ କେତେକ ଶିଳ୍ପାନୁଷ୍ଠାନ ନିର୍ମାଣଧୀନ ଅବସ୍ଥାରେ ଅଛି, ଏହି ଶିଳ୍ପାନୁଷ୍ଠାନ ମାନଙ୍କରେ ବହୁ କୁଶଳୀ ଶ୍ରମିକମାନଙ୍କର ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ଥିବା ଦୃଷ୍ଟିରୁ ସରଣ୍ଡା କଲେଜ ପରିସର ମଧ୍ୟରେ ପର୍ଯ୍ୟାପ୍ତ ଜମି ସୁବିଧା ଥିବାରୁ ଏଠାରେ ଗୋଟିଏ Govt. I.T.I. ଖୋଲିବା ଦିଗରେ ପଦକ୍ଷେପ ନେବେ କି ?

## ମହିଳା ମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ପଦକ୍ଷେପ

**୧୦୩ . ଶ୍ରୀ ସୌଭିକ୍ ବିଶ୍ୱାଳ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଟକ ଓ ଚୌଦ୍ୱାର ସହରରେ ମହିଳା ମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

## ସରକାରୀ ଉଦ୍ୟୋଗର ଲାଭ ବା କ୍ଷତି

**୧୦୪ . ଶ୍ରୀ ସୌଭିକ୍ ବିଶ୍ୱାଳ :** ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବିଗତ ତିନି

ବର୍ଷରେ ରାଜ୍ୟର କେଉଁ ସରକାରୀ ଉଦ୍ୟୋଗ ପ୍ରତିଷ୍ଠାନ ଖର୍ଚ୍ଚକୁ ମିଶାଇ ଓ ବାଦ ଦେଇ ନିଟ୍ କେତେ ଲାଭ ବା କ୍ଷତି କରିଛନ୍ତି ପ୍ରକାଶ କରି ସରକାରୀ ଉଦ୍ୟୋଗକୁ ଲାଭଜନକ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

**ଭିନ୍ନକ୍ଷମଙ୍କୁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଭତ୍ତା ପ୍ରଦାନ**

**୧୦୫ . ଶ୍ରୀ ସୌଭିକ୍ ବିଶ୍ୱାଳ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର ପ୍ରତ୍ୟେକ ଭିନ୍ନକ୍ଷମଙ୍କୁ ମନି ଅର୍ଡର ବା ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଭତ୍ତା ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

**ଛଟେଇ ଅଧ୍ୟାପକଙ୍କ ସଂଖ୍ୟା**

**୧୦୬ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଲକ୍ ଡାଉନ୍ ପରଠାରୁ କେଉଁ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ କେତେ ଅଧ୍ୟାପକ ଓ କର୍ମଚାରୀଙ୍କୁ ଛଟେଇ କରାଯାଉଥିବାବେଳେ କେତେ ଜଣଙ୍କ ବେତନ ହ୍ରାସ ବା ବେତନ ପ୍ରଦାନ କରାଯାଇପାରିନାହିଁ ପ୍ରକାଶ କରି ଅଧ୍ୟାପକ ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

**ଅନୁଗୋଳରେ ପ୍ଲାନେଟୋରିୟମ ପ୍ରତିଷ୍ଠା**

**୧୦୭ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଅନୁଗୋଳ ଜିଲ୍ଲାରେ ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଅଙ୍ଗନୱାଡି ମାଧ୍ୟମରେ ଶିଶୁଙ୍କୁ ବୀମାଭୁକ୍ତ**

**୧୦୮ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଅଙ୍ଗନୱାଡି ମାଧ୍ୟମରେ କେତେ ଶିଶୁ ପରିଚର୍ଯ୍ୟାଭୁକ୍ତ ହେଉଛନ୍ତି ଓ ତନ୍ମଧ୍ୟରୁ କେତେ ଶିଶୁଙ୍କୁ ସ୍ୱାସ୍ଥ୍ୟବୀମାଭୁକ୍ତ ଓ ବୀମାଭୁକ୍ତ କରାଯାଇଛି ପ୍ରକାଶ କରି ପ୍ରତ୍ୟେକ ଶିଶୁଙ୍କୁ ସ୍ୱାସ୍ଥ୍ୟବୀମାଭୁକ୍ତ ଓ ବୀମାଭୁକ୍ତ କରିବାକୁ ସରକାର ବ୍ୟବସ୍ଥା କରିବେକି?

**ଅନୁଗୋଳ ଜିଲ୍ଲାରେ ସରକାରୀ ଉଦ୍ୟୋଗକୁ ପୁନଃ କାର୍ଯ୍ୟକ୍ଷମ**

**୧୦୯ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଅନୁଗୋଳ ଜିଲ୍ଲାରେ ପ୍ରତିଷ୍ଠିତ କେଉଁ କେଉଁ ସରକାରୀ ଉଦ୍ୟୋଗ କେବେଠାରୁ ବନ୍ଦ ଅଛି ଓ ଏହାକୁ ପୁନଃ

କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ITI ପାଶ କରିଥିବା ପିଲାଙ୍କ ସଂଖ୍ୟା

**୧୧୦ . ଶ୍ରୀ ଭୂପିନ୍ଦର ସିଂହ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) KBK, କନ୍ଧମାଳ ଓ ଗଜପତି ଜିଲ୍ଲାରେ କେତେଜଣ ITI ପାଶ କରିଥିବା ପିଲାମାନଙ୍କ ଜିଲ୍ଲାୱାରୀ ସଂଖ୍ୟା କେତେ, ଏମାନଙ୍କ ମଧ୍ୟରୁ କେତେଜଣ ପିଲା ସରକାରୀ ଉଦ୍ୟୋଗରେ ଓ କେତେଜଣ ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି ଓ କେତେଜଣ staff employed ଅଛନ୍ତି ଜଣାଇବେକି, (ଖ) ନର୍ଲା ନିର୍ବାଚନମଣ୍ଡଳୀରେ ଏହି ସଂଖ୍ୟା କେତେ Skill Development Scheme ରେ ଏମାନଙ୍କ ପାଇଁ କି ସୁବିଧା ରହିଛି, ଏମାନେ କିପରି ରୋଜଗାରକ୍ଷମ ହୋଇପାରିବେ ଏଥିପାଇଁ କଣ ବ୍ୟବସ୍ଥା ରହିଛି, ଏବଂ ନର୍ଲା ନିର୍ବାଚନମଣ୍ଡଳୀରେ ଏକ ସରକାରୀ ITI ଖୋଲିବେ କି, ଯଦି ହଁ କେବେସୁଦ୍ଧା, ଯଦି ନାଁ ତାହାହେଲେ କାରଣ କଣ?

## ନୂତନ ଅଙ୍ଗନୱାଡି ଖୋଲିବା ପାଇଁ ଅର୍ଥ ବରାଦ

**୧୧୧ . ଶ୍ରୀ ଭୂପିନ୍ଦର ସିଂହ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) 2019-2020 ରେ କେତେ ଅଙ୍ଗନୱାଡି, ମିନି ଅଙ୍ଗନୱାଡି ଖୋଲିବା ପାଇଁ ଅର୍ଥ ବରାଦ କେତେ ହୋଇଥିଲା, ସେହିପରି 2020-2021 ରେ କେତେ ନୂତନ ଅଙ୍ଗନୱାଡି ଓ କେତେ ମିନି ଅଙ୍ଗନୱାଡି ଖୋଲିବା ପାଇଁ ଅର୍ଥ ବରାଦ କରାଯାଇଛି, ଜିଲ୍ଲାୱାରୀ ତାଲିକା ଦେବେକି, ଏବଂ (ଖ) ନର୍ଲା ନିର୍ବାଚନମଣ୍ଡଳୀରେ ଏଭିତରୁ କେଉଁ କେଉଁ ସ୍ଥାନରେ ନୂତନ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି ଖୋଲିବା ପାଇଁ ପଦକ୍ଷେପ ନିଆଯାଇଛି ଓ କେତୋଟି କାର୍ଯ୍ୟକ୍ଷମ ହୋଇଛି ଜଣାଇବେକି?

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ Higher study

**୧୧୨ . ଶ୍ରୀ ଭୂପିନ୍ଦର ସିଂହ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ Higher study କରିବା ପାଇଁ ଦେଶ ବାହାରକୁ ଗଲେ ସରକାର କି ବ୍ୟବସ୍ଥା କରିଥାନ୍ତି, ଏହି ବ୍ୟବସ୍ଥା ପାଇଁ ସୁବିଧା ଥିଲେ କେତେଜଣଙ୍କୁ ଏ ସୁବିଧା ମିଳିଛି ଜିଲ୍ଲାୱାରୀ ତଥ୍ୟ ଦେବେକି?

## ହିତାଧିକାରୀଙ୍କୁ ପେନସନ ପ୍ରଦାନ

**୧୧୩ . ଶ୍ରୀ ଭୂପିନ୍ଦର ସିଂହ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) 40 percent ଭିନ୍ନକ୍ଷମ ଥିଲେ ସମସ୍ତଙ୍କୁ ପେନସନ ବ୍ୟବସ୍ଥା ରହିଥିବା ସତ୍ୟକି,

ସେହିପରି ସମସ୍ତ ବିଧବାମାନଙ୍କୁ ପେନସନ ରହିଥିବା ମଧ୍ୟ ସତ୍ୟକି, ଏବଂ (ଖ) ନର୍ଲା ନିର୍ବାଚନମଣ୍ଡଳୀର ପଂଚାୟତୱାରୀ ଉପରୋକ୍ତ ସୁବିଧା ଦ୍ୱୟ କେତେ ହିତାଧିକାରୀ ପାଉଛନ୍ତି କେତେ ଦରଖାସ୍ତ pending ଅଛି ତାରଏକ ତାଲିକା ଦେବେକି, ଏ ସମସ୍ତ ହିତାଧିକାରୀ କେବେସୁଦ୍ଧା ପାଇବେ ଜଣାଇବେକି?

**ମିଶନ ଶକ୍ତି ଗୃହ**

**୧୧୪ . ଶ୍ରୀ ଭୂପିନ୍ଦର ସିଂହ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) 2019-2020 ଆର୍ଥିକ ବର୍ଷର ମିଶନ ଶକ୍ତି ଗୃହ ପାଇଁ 128 କୋଟିରୁ କେତେ ଖର୍ଚ୍ଚ ହୋଇଛି, କଳାହାଣ୍ଡି ଜିଲ୍ଲାର 137(ଏକ ଶହ ସଇଁତିରିଶି) ଗୋଟି ଗୃହ ମଧ୍ୟରୁ କେତୋଟି ଗୃହ ଆରମ୍ଭ ହୋଇଛି ଏବଂ କେତୋଟି ଶେଷ ହୋଇଛି ତାର ପଂଚାୟତୱାରୀ ତାଲିକା ଦେବେକି, ଏବଂ (ଖ) 2020-2021 ରେ 18.40(ଅଠର କୋଟି ଚାଳିଷି ଲକ୍ଷ) ଅର୍ଥ ମଧ୍ୟରୁ କେତେ ଜିଲ୍ଲାକୁ କେତେ ଦିଆଯାଇଛି, ନର୍ଲା ନିର୍ବାଚନମଣ୍ଡଳୀକୁ କେତେ ଅର୍ଥ ଦିଆଯାଇଛି ମିଶନ ଶକ୍ତି ଗୃହ ପାଇଁ ଜଣାଇବେକି?

**ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଛାତ୍ରାବାସରେ ରହି ଶିକ୍ଷା ଗ୍ରହଣ**

**୧୧୫ . ଶ୍ରୀ ଶଙ୍କର ଓରାମ୍ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - 2018-2019 ଓ 2019-2020 ଆର୍ଥିକ ବର୍ଷରେ ଯେଉଁସବୁ ସ୍ୱତନ୍ତ୍ର ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯେତିକି ସଂଖ୍ୟାର ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଛାତ୍ରାବାସରେ ରହି ଶିକ୍ଷା ଗ୍ରହଣ କରୁଥିଲେ ସେତିକି ସଂଖ୍ୟାର ଛାତ୍ରଛାତ୍ରୀଙ୍କ maintenance ପାଇଁ ଅନୁଦାନ ଦିଆନଯିବାର କାରଣ କଣ ଓ ଏହି ବର୍ଷ ମାନଙ୍କରେ କେଉଁ ସ୍ୱତନ୍ତ୍ର ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କେତେଜଣ ଲେଖାଏଁ ଛାତ୍ରଛାତ୍ରୀ ଛାତ୍ରାବାସରେ ରହି ଶିକ୍ଷାଗ୍ରହଣ କରୁଥିଲେ ଓ କେତେଜଣ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଦାନ ଦିଆଯାଇଛି ଜଣାଇବେକି?

**ଶିଶୁର ପରିବାରକୁ ଅଯୋଗ୍ୟ ଓ ଅସମର୍ଥ ଚିହ୍ନଟ**

**୧୧୬ . ଶ୍ରୀ ଶଙ୍କର ଓରାମ୍ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ୟୁ.ଡି. ପ୍ରଶ୍ନ ସଂଖ୍ୟା 563 ତା. 4.10.2020ରିଖ ଉତ୍ତର ପରିପ୍ରେକ୍ଷୀରେ ଶିଶୁର ପରିବାର ଓ ଅଭିଭାବକଙ୍କୁ ଅଯୋଗ୍ୟ ଓ ଅସମର୍ଥଭାବେ ଚିହ୍ନିତ କରାଯାଇଥିବା ଏହିପରି ଯେଉଁ 1622 ଜଣ ଶିଶୁ, ଶିଶୁ ଯତ୍ନକାରୀ ଅନୁଷ୍ଠାନରେ ରହୁଛନ୍ତି ସେହିସବୁ ଶିଶୁଙ୍କର ପରିବାର ଓ ଅଭିଭାବକ କେଉଁ ପ୍ରକାରଭାବେ ଅଯୋଗ୍ୟ ବା ଅସମର୍ଥ ଅଛନ୍ତି ଜଣାଇବେକି ଏବଂ (ଖ) Juvenile Justice( Care

and Protection) Act-2015 ର ଧାରା 2 ଉପଧାରା (14) ର ଉପଖଣ୍ଡ v ଅନୁଯାୟୀ ଯେଉଁ ଶିଶୁର ପରିବାର ଓ ଅଭିଭାବକଙ୍କୁ ଅଯୋଗ୍ୟ ଓ ଅସମର୍ଥ ଘୋଷିତ କରାଯିବ,ଏହି ଅଯୋଗ୍ୟ ଓ ଅକ୍ଷମର ସଂଜ୍ଞା ବା ଅର୍ଥ କଣ ଓ ଏହାର ସଂଜ୍ଞା ବା ଅର୍ଥ ଉକ୍ତ ଆଇନର କେଉଁ ଧାରାରେ ବା ଅନ୍ୟ କେଉଁ ଆଇନର କେଉଁ ଧାରାରେ ଉଲ୍ଲେଖ କରାଯାଇଅଛି ଜଣାଇବେକି?

**ଶିଶୁ ଯତ୍ନକାରୀ ଅନୁଷ୍ଠାନକୁ ସହାୟତା**

**୧୧୭ . ଶ୍ରୀ ଶଙ୍କର ଓରାମ୍ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କୋଭିଡ 19 କରୋନା ସମୟରେ ଯଥା ତା. 01.04.2020 ରୁ ତା. 31.10.2020 ରିଖ ମଧ୍ୟରେ କେଉଁ ଶିଶୁ ଯତ୍ନକାରୀ ଅନୁଷ୍ଠାନରୁ କେତେଜଣ ଲେଖାଏଁ ଶିଶୁ ସେମାନଙ୍କର ପରିବାର ପାଖକୁ ଯାଇଛନ୍ତି ଓ କେତେଜଣ ଲେଖାଏଁ ପରିବାରଶୁନ୍ୟ ଶିଶୁ ସେମାନଙ୍କର ଅଭିଭାବଙ୍କ ନିକଟକୁ ଯାଇଛନ୍ତି ଓ କେତେଜଣ ଲେଖାଏଁ ଶିଶୁଓ କେଉଁ ଶିଶୁ ଯତ୍ନକାରୀ ଅନୁଷ୍ଠାନରେ ବର୍ତ୍ତମାନ ରହିଆସୁଛନ୍ତି ଓ ଏହି ବିଶ୍ୱମହାମାରୀ ସମୟରେ ଶିଶୁମାନଙ୍କ ପାଇଁ ଅତିରିକ୍ତ କେଉଁ ପ୍ରକାର ସହାୟତା କେଉଁ ଶିଶୁ ଯତ୍ନକାରୀ ଅନୁଷ୍ଠାନକୁ ସହାୟତା ଦିଆଯାଇଛି ଜଣାଇବେକି?

**ଛାତ୍ରାବାସ ପଞ୍ଜିକରଣ**

**୧୧୮ . ଶ୍ରୀ ଶଙ୍କର ଓରାମ୍ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ୟୁ.ଡ଼ି ପ୍ରଶ୍ନ ସଂଖ୍ୟା - 562 ତା 4.10.2020 ରିଖ ଉତ୍ତର ପରିପ୍ରେକ୍ଷୀରେ Juvenile Justice ( Care and Protection of Children) Act, 2015 ର ଧାରା 2 ( 14) (V) ଅନୁଯାୟୀ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଯେଉଁସବୁ ଅନୁଷ୍ଠାନରେ ରହୁଥିଲେ ସେହି ସମସ୍ତ ଅନୁଷ୍ଠାନ ହିଁ କେବଳ ଉକ୍ତ ଆଇନିର ପରିସରଭୁକ୍ତ ହୋଇଥିବାରୁ ଯେଉଁସବୁ ପିତାମାତା ନିଜର ଶିଶୁଙ୍କୁ ନିଜ ପାଖରେ ରଖି ପଢାଇବାକୁ ଅସମର୍ଥ ହୋଇଥିବାରୁ DAV Public School, SAI International School ଭଳି ଯେଉଁସବୁ ବିଦ୍ୟାଳୟର ଛାତ୍ରାବାସରେ ଶିଶୁମାନଙ୍କୁ ରଖି ପଢ଼ାଉଛନ୍ତି , ସେହିସବୁ ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା ଆବଶ୍ୟକ ଅଛି କି ନାହିଁ , ଯଦି ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ଅଛି ତେବେ ଉକ୍ତ ଆଇନ ଅନୁଯାୟୀ ଏହି ସବୁ ଛାତ୍ରାବାସ ପଞ୍ଜିକୃତ କରାଯିବକିନାହିଁ, ଜଣାଇବେ କି ?

**Engineering College ରେ ଖାଲିଥିବା ସ୍ଥାନ**

**୧୧୯ . ଶ୍ରୀ ଶଙ୍କର ଓରାମ୍ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି -

ରାଜ୍ୟରେ ସରକାରଙ୍କ ଦ୍ୱାରା ଓ ଘରୋଇ ସଂସ୍ଥା ଦ୍ୱାରା କେତୋଟି I.T.I ଓ Engineering College ପରିଚାଳିତ ହେଉଛି ସେଥିରୁ କେଉଁ I.T.I ଓ Engineering College ରେ କେତୋଟି ଲେଖାଏଁ ମଞ୍ଜୁରପ୍ରାପ୍ତ ସ୍ଥାନ ଅଛି ଓ ଚଳିତ ଶିକ୍ଷା ବର୍ଷରେ କେତେଜଣ ଲେଖାଏଁ ଛାତ୍ର /ଛାତ୍ରୀ ନାମ ଲେଖାଇଛନ୍ତି ଓ କେତୋଟି ଲେଖାଏଁ ସ୍ଥାନ ଖାଲି ଅଛି ଏବଂ କେଉଁ କାରଣପାଇଁ ଆବଶ୍ୟକତା ଅନୁଯାୟୀ ଛାତ୍ର / ଛାତ୍ରୀମାନେ ଏହି ଶିକ୍ଷା ଗ୍ରହଣ କରିବାପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି , ଜଣାଇବେ କି ?

## ଶିଶୁ ମୃତ୍ୟୁହାରର ହିସାବ

**୧୨୦ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଏହି ବିଭାଗର ସର୍ଭେ ଅନୁସାରେ ରାଜ୍ୟରେ ଶିଶୁ ମୃତ୍ୟୁହାର କେତେ ଅଟେ ; ତାହାର ଜିଲ୍ଲାୱାରୀ ହିସାବ ଦେବେ କି; ଶେଷଥର ପାଇଁ କେବେ ସର୍ଭେ ହୋଇଥିଲା ;ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କରାଯାଇଥିବା ସର୍ଭେ ସହିତ ଏହା ସମାନ କି ?

## ଅଙ୍ଗନବାଡ଼ି କେନ୍ଦ୍ରର ସଂଖ୍ୟା

**୧୨୧ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କୋରାପୁଟ ଜିଲ୍ଲାରେ କେତେ ଅଙ୍ଗନୱାଡ଼ି କେନ୍ଦ୍ର ଅଛି; ସେଗୁଡ଼ିକର ହିତାଧିକାରୀ ସଂଖ୍ୟା କେତେ; ସେମାନଙ୍କ ମଧ୍ୟରୁ ମହିଳା କେତେ ଓ ଶିଶୁ କେତେ; 2015 ମସିହାରେ ଏହାର ପରିସଂଖ୍ୟାନ କେତେ ଥିଲା; ଏବଂ ଯଦି ଏପରି ହିତାଧିକାରୀଙ୍କ ସଂଖ୍ୟା ବଢ଼ି ବଢି ଚାଲିଛି, ତାହାର କାରଣ କ'ଣ ?

## ସ୍ୱାବଲମ୍ବୀ କରିବା ନିମନ୍ତେ ପ୍ରୋତ୍ସାହନ

**୧୨୨ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଶିକ୍ଷିତ ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଏହି ବିଭାଗ କି କି ପଦକ୍ଷେପ ନେଇଛି, ତାହା ଦର୍ଶାଇବେ କି;ବର୍ତ୍ତମାନ ସୁଦ୍ଧା ବିଭାଗ ପକ୍ଷରୁ କି ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି ଏବଂ କେତେଜଣ ଏହାଦ୍ୱାରା ଉପକୃତ ହୋଇଛନ୍ତି ତାହା ଦର୍ଶାଇବେ କି ?

## I.T.I ର ସଂଖ୍ୟା

**୧୨୩ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଏବେ କେତେଗୋଟି ସରକାରୀ ଓ ବେସରକାରୀ I.T.I. ଅଛି; ସେଗୁଡ଼ିକ

ମଧ୍ୟରୁ ସରକାର କେତେକଙ୍କୁ ସହାୟତା ଦେଉଛନ୍ତି ;ଏହି I.T.I. ଗୁଡ଼ିକର ଶିକ୍ଷାନବିଶ ଆହରଣ ସଂଖ୍ୟା କେତେ; ଚଳିତ 2020 - 21 ଶିକ୍ଷା ବର୍ଷରେ କେତେ ନାମ ଲେଖାଇଛନ୍ତି କେତେ seat ଖାଲି ପଡ଼ିଛି ?

## Engineering College ର ବିଷଦ ବିବରଣୀ

**୧୨୪ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ସର୍ବମୋଟ କେତେ Engineering College ଏବଂ School ସ୍ଥାପନ ହୋଇଥିଲା; ତନ୍ମଧ୍ୟରୁ କେତେ ବନ୍ଦ ହୋଇଗଲାଣି ଏବଂ କେତେ ଅନୁଷ୍ଠାନ ରୁଗଣ ହୋଇପଡ଼ିଛି ଓ ଆଉ କେତେ ଛାତ୍ର ଅଭାବ ଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତାହାର ବିଷଦ ବିବରଣୀ ଦେବେ କି; ଏବଂ ସେଠାରେ କାର୍ଯ୍ୟରତ ଶିକ୍ଷକମାନଙ୍କ ଥଇଥାନ କଥା ସରକାର ଚିନ୍ତା କରୁଛନ୍ତି କି ?

## ଔଦ୍ୟୋଗିକ ତାଲିମ ପ୍ରତିଷ୍ଠାନ ପ୍ରତିଷ୍ଠା

**୧୨୫ . ଶ୍ରୀ ପ୍ରଶାନ୍ତ ବେହେରା :** ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଡ଼ିଶାର ଶିଳ୍ପାୟନର କଟକ ପ୍ରଥମ ଶିଳ୍ପୋଦ୍ୟୋଗୀ ସାଲେପୁରମାଟିର ଯୋଗ୍ୟସନ୍ତାନ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମପୀଠରେ ଔଦ୍ୟୋଗିକ ତାଲିମ ପ୍ରତିଷ୍ଠାନ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ମହିଳା ଉତ୍କର୍ଷ ତାଲିମ କେନ୍ଦ୍ର ପ୍ରତିଷ୍ଠା

**୧୨୬ . ଶ୍ରୀ ପ୍ରଶାନ୍ତ ବେହେରା :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଉତ୍କଳ ଗୌରବ ମଧୁବାବୁଙ୍କ ଜନ୍ମପୀଠ, ସାଲେପୁର ନିର୍ବାଚନ ମଣ୍ଡଳୀର ସତ୍ୟଭାମାପୁରଠାରେ ମହିଳାମାନଙ୍କୁ ଦକ୍ଷତା ବିକାଶ ନିମନ୍ତେ ଏକ ମହିଳା ଉତ୍କର୍ଷ ତାଲିମକେନ୍ଦ୍ର ପ୍ରତିଷ୍ଠାପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କ ତାଲିକା

**୧୨୭ . ଶ୍ରୀ ପ୍ରଶାନ୍ତ ବେହେରା :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରେ କେତେ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି ତାହାର ଅନୁଷ୍ଠାନୱାରୀ ତାଲିକା ଦର୍ଶାଇ ତନ୍ମଧ୍ୟରୁ କେତେଜଣଙ୍କୁ ବୀମାଭୁକ୍ତ କରାଯାଇଛି ଏବଂ ସମସ୍ତ ବିଦ୍ୟାର୍ଥୀଙ୍କୁ ବୀମାଭୁକ୍ତ କରିବାକୁ ସରକାର ବ୍ୟବସ୍ଥା କରିବେ କି ?

## ସୁବିଧା ପାଉଥିବା ଭିନ୍ନକ୍ଷମଙ୍କୁ ଜିଲ୍ଲାୱାରୀ ତାଲିକା

**୧୨୮ . ଶ୍ରୀ ପ୍ରଶାନ୍ତ ବେହେରା :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର କେଉଁ ଜିଲ୍ଲାରୁ କେତେ ଦିବ୍ୟାଙ୍ଗ ବା ଭିନ୍ନକ୍ଷମ ଚିହ୍ନଟ ହୋଇଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ଭତ୍ତା, ଆତ୍ମନିଯୁକ୍ତି ସହାୟକ ଉପକରଣ ଓ ଅନ୍ୟ ସୁବିଧା ପ୍ରଦାନ କରାଯାଇଛି ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ଭିନ୍ନକ୍ଷମ ଙ୍କ କଲ୍ୟାଣ ପାଇଁ କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

**କଳାହାଣ୍ଡି ଜିଲ୍ଲାରେ ଉଦ୍ୟାଗକୁ ପୁନଃ କାର୍ଯ୍ୟକ୍ଷମ**

**୧୨୯ . ଶ୍ରୀ ମୌଷଧି ବାଗ୍ :** ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡି ଜିଲ୍ଲାରେ କେଉଁଠାରେ କେଉଁ ସରକାରୀ ଉଦ୍ୟୋଗ ବନ୍ଦ ଅଛି ଓ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**କଳାହାଣ୍ଡି ଜିଲ୍ଲାରେ ବୈଷୟିକ ଶିକ୍ଷା**

**୧୩୦ . ଶ୍ରୀ ମୌଷଧି ବାଗ୍ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡି ଜିଲ୍ଲାରେ ବୈଷୟିକ ଶିକ୍ଷାର ସୁଯୋଗ ସୃଷ୍ଟି ପାଇଁ ସରକାରୀ ଓ ଘରୋଇ ଉଦ୍ୟମରେ କେତେଗୋଟି ଯାନ୍ତ୍ରୀକ ମହାବିଦ୍ୟାଳୟ, ବିଦ୍ୟାଳୟ, ଅନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ତାଲିମ ପ୍ରତିଷ୍ଠାନ ଖୋଲାଯାଇ କେତେ ବିଦ୍ୟାର୍ଥୀଙ୍କୁ ଶିକ୍ଷା ପ୍ରଦାନର ସୁଯୋଗ ପ୍ରଦାନ କରାଯାଉଛି ତାହାର ବିବରଣୀ ପ୍ରଦାନ କରିବେ କି ?

**ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ**

**୧୩୧ . ଶ୍ରୀ ମୌଷଧି ବାଗ୍ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡି ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥାରେ କେତେଗୋଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ତନ୍ମଧ୍ୟରୁ କେତୋଟିର ନିଜସ୍ୱ ଗୃହ ନାହିଁ ତାହାର ନିଜସ୍ୱ ଗୃହ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ପଞ୍ଜିକୃତ କିନ୍ନରଙ୍କ ସଂଖ୍ୟା**

**୧୩୨ . ଶ୍ରୀ ମୌଷଧି ବାଗ୍ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର କେଉଁ ଜିଲ୍ଲାରୁ କେତେ କିନ୍ନର ପଞ୍ଜିକୃତ ହୋଇଛନ୍ତି ଓ ସେମାନଙ୍କ କଲ୍ୟାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

**ସରକାରୀ ଉଦ୍ୟୋଗର ଜବରଦଖଲ ଜମି**

**୧୩୩ . ଶ୍ରୀ ସୁଧୀର କୁମାର ସାମଲ :** ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର ଅଚଳ ଥିବା କେଉଁ ସ୍ଥାନର ସରକାରୀ ଉଦ୍ୟୋଗର କେତେ ଜମି ଜବରଦଖଲ ହୋଇଛି ଓ ଏହାକୁ ଜବରଦଖଲମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଆବଣ୍ଟିତ ହୋଇନଥିବା ଭତ୍ତା ଟଙ୍କା ସୁରକ୍ଷିତ ପାଇଁ ବ୍ୟବସ୍ଥା**

**୧୩୪ . ଶ୍ରୀ ସୁଧୀର କୁମାର ସାମଲ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟ ସରକାର ଭତ୍ତା ବଣ୍ଟନ ପାଇଁ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ହସ୍ତଖତରେ ଟଙ୍କା ଉଠାଣ କରିବା ସହ ଭତ୍ତା ବଣ୍ଟନ ପରେ ଆବଣ୍ଟିତ ହୋଇନଥିବା ଭତ୍ତା ଟଙ୍କା କେମିତି ସୁରକ୍ଷିତ ପାଇଁ ବ୍ୟବସ୍ଥା କରିଛନ୍ତି ଓ ଏହି ବଳକା ଟଙ୍କାକୁ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ଯୁଗ୍ମ ଆକାଉଣ୍ଟରେ ବ୍ୟାଙ୍କରେ ଜମା କରିବାକୁ ସରକାର ବ୍ୟବସ୍ଥା କରିବେ କି ?

**ସଂଗଠିତ ହୋଇନଥିବା ମହିଳାଙ୍କ ସଂଖ୍ୟା**

**୧୩୫ . ଶ୍ରୀ ସୁଧୀର କୁମାର ସାମଲ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଢେଙ୍କାନାଳ ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥାରେ କେତେ ଜଣ ମହିଳା କେତେଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧମରେ ସଂଗଠିତ ହୋଇଛନ୍ତି, ଏହି ଗୋଷ୍ଠୀକୁ ବିଗତ ୨ ବର୍ଷରେ କେତେ ସରକାରୀ ଅନୁଦାନ ଓ ଋଣ ପ୍ରଦାନ କରାଯାଇଛି ?

**ଖାଲିଥିବା ପଦବୀର ଅନୁଷ୍ଠାନୱାରୀ ତାଲିକା**

**୧୩୬ . ଶ୍ରୀ ସୁଧୀର କୁମାର ସାମଲ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଥିବା ସରକାରୀ ବୈଷୟିକ ବିଶ୍ୱ ବିଦ୍ୟାଳୟ, ମହାବିଦ୍ୟାଳୟ, ଯାନ୍ତ୍ରୀକ ବିଦ୍ୟାଳୟ ଓ ଶିଳ୍ପ ତାଲିମ ପ୍ରତିଷ୍ଠା ମଧ୍ୟରୁ କେଉଁ ଅନୁଷ୍ଠାନରେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ, ପ୍ରଶିକ୍ଷକ ଓ କର୍ମଚାରୀ ବର୍ଗରେ କେଉଁ ପଦବୀରୁ କେତେ ପଦବୀ ଖାଲିଅଛି ତାହାର ଅନୁଷ୍ଠାନୱାରୀ ତାଲିକା ଦର୍ଶାଇ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ବରିଷ୍ଠ ନାଗରିକଙ୍କ ପାଇଁ ନିଆଯାଇଥିବା ପଦକ୍ଷେପ**

**୧୩୭ . ଶ୍ରୀ ପ୍ରଫୁଲ୍ଲ ସାମଲ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବରିଷ୍ଠ ନାଗରିକଙ୍କୁ ସେମାନଙ୍କର ସ୍ୱାଭିମାନ, ସୁରକ୍ଷା, ମର୍ଯ୍ୟାଦା, ସ୍ୱାସ୍ଥ୍ୟସେବା ଆଦି ଦେବା ପାଇଁ ବିଭାଗ ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ?

**ପରିସରଭୁକ୍ତ ମହିଳା ମିଶନ ଶକ୍ତିଙ୍କ ସଂଖ୍ୟା**

**୧୩୮ . ଶ୍ରୀ ପ୍ରଫୁଲ୍ଲ ସାମଲ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକରେ କେତେଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧମରେ କେତେ ମହିଳା ମିଶନ ଶକ୍ତି ପରିସରଭୁକ୍ତ ହୋଇଛନ୍ତି, ଏହି ଗୋଷ୍ଠୀମାନଙ୍କୁ କେତେ ଋଣ ଓ ସହାୟତା ପ୍ରଦାନ କରାଯାଇଛି ଓ ସେମାନଙ୍କୁ ସ୍ୱରୋଜଗାର ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

## ଭିନ୍ନକ୍ଷମଙ୍କ ପାଇଁ ଥିବା ବିଦ୍ୟାଳୟର ସଂଖ୍ୟା

**୧୩୯ . ଶ୍ରୀ ପ୍ରଫୁଲ୍ଲ ସାମଲ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ବିଶେଷ କରି ଭଦ୍ରକ ଜିଲ୍ଲାରେ ଭିନ୍ନକ୍ଷମ ପିଲାଙ୍କ ପାଇଁ କେତୋଟି ବିଦ୍ୟାଳୟ ଅଛି, ଭିନ୍ନକ୍ଷମକୁ ବର୍ତ୍ତମାନ ସରକାର କେତୋଟି CATEGORY ରେ ବିଭକ୍ତିକରଣ କରିଛନ୍ତି, ସମସ୍ତ CATEGORY ର ପିଲାଙ୍କ ଅଧ୍ୟୟନ ପାଇଁ ରାଜ୍ୟରେ ସରକାରୀ ସ୍ତରରେ ସୁବିଧା ଅଛି ତ, ଏମାନଙ୍କୁ ଶିକ୍ଷାଦାନ ପାଇଁ ଉପଯୁକ୍ତ ଯୋଗ୍ୟତା ସମ୍ପୂର୍ଣ୍ଣ ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତି ହୋଇଛନ୍ତି ତ ?

## ବୈଷୟିକ ଶିକ୍ଷାନୁଷ୍ଠାନ ସଂଖ୍ୟା

**୧୪୦ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ବୈଷୟୀକ ଶିକ୍ଷା କ୍ଷେତ୍ରରେ I.T.I ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କେତୋଟି ଶିକ୍ଷାନୁଷ୍ଠାନ ଅଛି ସମସ୍ତ ସିଟ ସଂଖ୍ୟା କେତେ କେତୋଟି ବିଭାଗରେ ଅଧ୍ୟୟନର ସୁବିଧା ଅଛି ୨୦୧୯-୨୦ ଶିକ୍ଷା ବର୍ଷରେ କେତେ ଛାତ୍ର ଛାତ୍ରୀ ଅଧ୍ୟୟନ ପାଇଁ ନାମ ଲେଖାଇଥିଲେ BPUT ଅଧିନରେ ଥିବା Placement Cell ଜରୀଆରେ ଗତ ଶିକ୍ଷା ବର୍ଷରେ କେତେ ନିଯୁକ୍ତି ପାଇ ପାରିଛନ୍ତି ?

## ଇଟା ତିଆରି କାରଖାନା

**୧୪୧ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟ ସରକାର ବଲଙ୍ଗିର ଜିଲ୍ଲା ପାଇଁ ମୋଟ କେତେଗୋଟି ଇଟାତିଆରି କାରଖାନା ବା ୟୁନିଟ୍ କରିବାପାଇଁ ନିଷ୍ପତି ନେଇଛନ୍ତି ଏବଂ ଏହାପାଇଁ ମୋଟ କେତେ ଜଣଙ୍କୁ ସ୍କିଲ୍ ଶ୍ରମିକ ଭାବରେ ଓ ଅନସ୍କିଲ ଶ୍ରମିକ ଭାବରେ ଚିହ୍ନଟ କରିଛନ୍ତି, ଏହାର ବ୍ଲକ ୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି ?

## ଅଙ୍ଗନବାଡି କେନ୍ଦ୍ରର ସଂଖ୍ୟା

**୧୪୨ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି

କହିବେ କି - (କ) ରାଜ୍ୟରେ ମୋଟ କେତେଗୋଟି ଅଙ୍ଗନୱାଡି କେନ୍ଦ୍ର ଅଛି ଏହାର ପ୍ରତି ଜିଲ୍ଲାର ବ୍ଲକ ୱାରୀ ଗ୍ରାମ ର ନାମ ସହିତ ଗୋଟିଏ ତାଲିକା ପ୍ରଦାନ କରିବେ, (ଖ) ଏହି ଅଙ୍ଗନୱାଡି ଗୃହ ମାନଙ୍କରେ କେତେ ଯାଗାରେ Toilet ଏବଂ ପିଇବା ପାଣି ବ୍ୟବସ୍ଥା ଅଛି ଏହାର ଅଙ୍ଗନୱାଡି ର ନାମସହ ତାଲିକା ପ୍ରଦାନ କରିବେ କି, ଏବଂ କେଉଁ ସମୟସୀମା ଭିତରେ ସରକାର ସବୁ ଅଙ୍ଗନୱାଡି କେନ୍ଦ୍ର ରେ Toilet ଏବଂ ପିଇବା ପାଣି ବ୍ୟବସ୍ଥା କରିବେ ?

## Adjusting Vacancy ପୂରଣ

**୧୪୩ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ମୁରିବାହାଲ ବ୍ଲକ, ତୁରେଇକେଲା ବ୍ଲକ, ବଙ୍ଗୋମୁଣ୍ଡା ବ୍ଲକ ଏବଂ କଣ୍ଟାବାଞ୍ଜି ଏନ୍.ଏ ସି ରେ କେତେ ଜଣ ହିତାଧିକାରୀ ଏହି ପେନସନ ସ୍କିମ ଗୁଡାକରେ ପେନସନ ପାଉଛନ୍ତି ଏବଂ କେତେଗୋଟି Adjusting Vacancy ଅଛି ଏହାର ବ୍ଲକ ଏବଂ ଏନ୍.ଏ.ସି. ୱାରି ତାଲିକା ପ୍ରଦାନ କରିବେ କି, (ଖ) କେଉଁ ସମୟସିମା ଭିତରେ ଖାଲିପଡିଥିବା ସମସ୍ତ Adjusting Vacancy ଙ୍କୁ ସରକାର ହିତାଧିକାରୀ ମାନଙ୍କୁ ପେନସନ୍ ପ୍ରଦାନ କରିବେ ?

## ନିମ୍ନମାନର ଛତୁଆ Supply

**୧୪୪ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ମୁରିବାହାଲ ବ୍ଲକ ଏବଂ ବଙ୍ଗୋମୁଣ୍ଡା ବ୍ଲକରେ ଛତୁଆ ଅତି ନିମ୍ନମାନର WSHG ଗ୍ରୁପ ଦ୍ୱାରା Supply କରାଯାଉଥିବା ବାରମ୍ବାର ଅଭିଯୋଗ କରାଯାଉଥିବା ତାଙ୍କୁ ନବଦଳେଇବାର କାରଣ କଣ, (ଖ) କେଉଁ ସମୟସୀମା ଭିତରେ ବଙ୍ଗୋମୁଣ୍ଡା ବ୍ଲକ ଏବଂ ମୁରିବାହାଲ ବ୍ଲକ ରେ ଛତୁଆ Supply କରାଯାଉଥିବା SHG ଗ୍ରୁପ ବିରୋଧରେ ତଦନ୍ତ କରି ସରକାର ପଦକ୍ଷେପ ନେବେ ?

## ଯୋଜନାର ବିରରଣୀ ପ୍ରଦାନ

**୧୪୫ . ଶ୍ରୀ ନିତ୍ୟାନନ୍ଦ ଗଣ୍ଡ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀଙ୍କ ମାଧମରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର କେଉଁ କେଉଁ ଯୋଜନାକୁ କାର୍ଯ୍ୟକାରୀ କରାଯାଉଅଛି ଏହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

## ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ

**୧୪୬ . ଶ୍ରୀ ନିତ୍ୟାନନ୍ଦ ଗଣ୍ଡ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି

- ଉମରକୋଟ ନିର୍ବାଚନ ମଣ୍ଡଳୀର କେତୋଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ କେତୋଟି ଅଙ୍ଗନୱାଡି କେନ୍ଦ୍ରର ବହୁତ ଘର ଭଗ୍ନଅବସ୍ଥାରେ ଅଛି ଓ କେତୋଟି କେନ୍ଦ୍ରରେ ପାଚେରୀ, ନଳକୂପ, ସୌଚାଳୟ ନାହିଁ ଯେଉଁ କେନ୍ଦ୍ର ଗୁଡାକରେ ଏସବୁ ଅବ୍ୟବସ୍ଥା ହୋଇଛି ତାହା ପାଇଁ ସରକାର କଅଣସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ଏହାର ବିସ୍ତୃତ ବିବରଣୀ ଦେବେ କି ?

**ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ**

**୧୪୭ . ଶ୍ରୀ ନିତ୍ୟାନନ୍ଦ ଗଣ୍ଡ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତି କରଣ ନିମନ୍ତେ ସରକାରଙ୍କ କି କି ଯୋଜନା ରହିଅଛି ସେହିପରି ଉମରକୋଟ ନିର୍ବାଚନ ମଣ୍ଡଳୀର କେତେଜଣ ଭିନ୍ନକ୍ଷମ ବ୍ୟକ୍ତି ରହିଛନ୍ତି ତାହାର ତାଲିକା ରହିଛି କି ଯଦି ତାଲିକା ଅଛି ତେବେ ସେମାନଙ୍କ ଭିତରୁ କେତେଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କେଉଁସବୁ ଯୋଜନା ମାଧ୍ୟମରେ ସଶକ୍ତି କରିଛନ୍ତି ଏହାର ତାଲିକା ପ୍ରଦାନ କରିବେ କି ?

**ଅଧ୍ୟାପକ ଓ ଇନଷ୍ଟ୍ରକ୍ଟର ପଦବୀ ପୂରଣ**

**୧୪୮ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଥିବା ସରକାରୀ ଇଞ୍ଜିନିୟରିଂ କଲେଜ ଓ ଡିପ୍ଲୋମା ଅନୁଷ୍ଠାନ ଗୁଡିକରେ କେତେ ସଂଖ୍ୟକ ଅଧ୍ୟାପକ ଓ ଇନଷ୍ଟ୍ରକ୍ଟର ପଦ ଖାଲିପଡିଛି ଅନୁଷ୍ଠାନ ୱାରୀ ତଥ୍ୟ ଦେବା ସହ ଖାଲିପଡିଥିବା ପଦ ପୂରଣ ପାଇଁ ସରକାରଙ୍କ ଲକ୍ଷ୍ୟ ଓ ପଦକ୍ଷେପ କଣ ଜଣାଇବେ କି ?

**ଦକ୍ଷତା ତାଲିମ ପାଇଥିବା ଯୁବକ ଯୁବତୀଙ୍କ ସଂଖ୍ୟା**

**୧୪୯ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟ ଦକ୍ଷତା ବିକାଶ ମିଶନ କାର୍ଯ୍ୟକାରୀ ହେବାଠାରୁ ଏପର୍ଯ୍ୟନ୍ତ ମୋଟ କେତେ ଟଙ୍କା ବ୍ୟୟରେ କେତେ ଯୁବକ-ଯୁବତୀଙ୍କୁ ଦକ୍ଷତା ତାଲିମ ପ୍ରଦାନ କରାଯାଇଛି ଓ ସେମାନଙ୍କ ମଧ୍ୟରୁ କେତେ ଜଣ ନିଯୁକ୍ତି ପାଇଛନ୍ତି ଜିଲ୍ଲାୱାରୀ ବିବରଣୀ ଦେବେ କି କୋଭିଡ-୧୯ ଲକଡାଉନ୍ କାଳରେ ଘରକୁ ଫେରିଥିବା ପ୍ରବାସୀ ଶ୍ରମିକଙ୍କ ମଧ୍ୟରୁ କେତେଜଣଙ୍କୁ ଦକ୍ଷତା ତାଲିମ ପ୍ରଦାନ କରାଯାଇ ରାଜ୍ୟରେ ଥଇଥାନ କରାଯାଇଛି ତଥ୍ୟ ଦେବେ କି ?

**SHG ଙ୍କୁ ଆର୍ଥିକ ସହାୟତା**

**୧୫୦ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ମୋଟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟରୁ କେତେ SHG ଙ୍କୁ

ସରକାର ଆର୍ଥିକ ସହାୟତା ଦେବା ସହ ସେମାନଙ୍କ ପାଇଁ ମୋଟ କେତେ ଟଙ୍କା ଋଣ ବ୍ୟବସ୍ଥା କରିଛନ୍ତି ସେମାନଙ୍କ ମଧ୍ୟରୁ କେଉଁ ଜିଲ୍ଲାର କେତେ SHG ସ୍ୱାବଲମ୍ବୀ/ ଆତ୍ମନିର୍ଭରଶୀଳ ହୋଇ ନିୟମିତ ଋଣ ପରିଶୋଧ କରୁଛନ୍ତି ଋଣପରିଶେଧରେ ଖିଲାପ କରୁଥିବା SHGଙ୍କ ସଂଖ୍ୟା ଓ ବକେୟା ଋଣ ସମ୍ପର୍କରେ ଜିଲ୍ଲାୱାରୀ ତଥ୍ୟ ଦେବେ କି ?

## ବର୍ଦ୍ଧିତ ପେନସନ୍ ପ୍ରଦାନ

**୧୫୧ . ଶ୍ରୀ ସତ୍ୟନାରାୟଣ ପ୍ରଧାନ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ଓ ଓଡଗାଁ ବ୍ଲକରେ ୪0 ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବୃଦ୍ଧ ବୃଦ୍ଧା ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ମିଳିବାକୁ ଥିବା 300 ଟଙ୍କାର ବର୍ଦ୍ଧିତ ପେନସନ୍ ମିଳୁନଥିବାର ଅଭିଯୋଗ ଠିକ୍ କି, ଯଦି ହଁ ତେବେ ସେମାନଙ୍କୁ କେବେସୁଦ୍ଧା ବର୍ଦ୍ଧିତ ପେନସନ୍ ମିଳିବ ରଣପୁର ଓ ଓଡଗାଁ ବ୍ଲକରେ କେତେଜଣ ୪0 ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବର୍ଦ୍ଧିତ ପେନସନ୍ ପାଇବାରୁ ବଞ୍ଚିତ ଅଛନ୍ତି ଜଣାଇବେ କି ?

## ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**୧୫୨ . ଶ୍ରୀ ସତ୍ୟନାରାୟଣ ପ୍ରଧାନ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ଓ ଓଡଗାଁ ବ୍ଲକରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା କେତେଜଣ ବିଧବା ମହିଳା, ଭିନ୍ନକ୍ଷମ ବ୍ୟକ୍ତି, ବୃଦ୍ଧ/ବୃଦ୍ଧା ଭତ୍ତା ପାଇବା ପାଇଁ online ରେ ଆବେଦନ କରି ଏ ପର୍ଯ୍ୟନ୍ତ ପାଇପାରି ନାହାନ୍ତି ଜଣାଇବେ କି, ସେହି ହିତାଧିକାରୀ ମାନଙ୍କୁ ଯଥାଶୀଘ୍ର ଭତ୍ତା ଦିଆଯିବା ପାଇଁ ବ୍ୟବସ୍ଥା କରିବେ କି ?

## ଦକ୍ଷତା ଅନୁସାରେ ବେକାରୀଙ୍କୁ ନିଯୁକ୍ତି

**୧୫୩ . ଶ୍ରୀ ସତ୍ୟନାରାୟଣ ପ୍ରଧାନ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ଓ ଓଡଗାଁ ବ୍ଲକରେ ବେକାରୀ ସମସ୍ୟା ଯୋଗୁଁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ସେମାନଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କରିବେ କି ?

## ବିଜ୍ଞାନ ପାର୍କ ପ୍ରତିଷ୍ଠା

**୧୫୪ . ଶ୍ରୀ ଅମର ପ୍ରସାଦ ଶତପଥୀ :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଯାଜପୁର ଜିଲ୍ଲାର ଦର୍ପଣ ତହସିଲ ଅନ୍ତର୍ଗତ ଜୈବିକ ବିବିଧତା ଧାରଣ କରିଥିବା ମହାବିନାୟକ

ପାହାଡ ନିକଟରେ ଆବଶ୍ୟକୀୟ ସରକାରୀ ଜମି ଉପଲବ୍ଧ ଥିବାରୁ ଏଠାରେ ଏକ ବିଜ୍ଞାନ ପାର୍କ ପ୍ରତିଷ୍ଠା ପାଇଁ ସରକାର ବିଚାର କରିବେ କି ; ଏବଂ (ଖ) ଉତ୍ତର ହଁ ହେଲେ ଆସନ୍ତା ଆର୍ଥିକ ବର୍ଷରେ ଏହା କାର୍ଯ୍ୟକ୍ଷମ ହେବ କି ?

## ସ୍ୱୟଂ ସହାୟକ ଗୋଷ୍ଠୀର ତାଲିକା

**୧୫୫ . ଶ୍ରୀ ଅମର ପ୍ରସାଦ ଶତପଥୀ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟ ସରକାର ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ବର୍ତ୍ତମାନ ରାଜ୍ୟରେ କେତେ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଅଛି, ଏହାର ଜିଲ୍ଲା ଅନୁଯାୟୀ ତାଲିକା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଯାଜପୁର ଜିଲ୍ଲାର ସମସ୍ତ ବ୍ଲକରେ କେତେ କେତେ ସଂଖ୍ୟକ ଗୋଷ୍ଠୀ ଗଠନ କରାଯାଇଅଛି ; ଏବଂ (ଖ) ରାଜ୍ୟର କେତେଗୋଟି ବ୍ଲକରେ ମିଶନ ଶକ୍ତି ଗୃହ ନିର୍ମାଣ ହୋଇଅଛି ଓ ୩୧୪ ବ୍ଲକରେ ଏଭଳି ଗୃହ ନିର୍ମାଣ ପାଇଁ ସରକାର ପଦକ୍ଷେପ ନେବେ କି ?

## ଶିଶୁ ଅପପୃଷ୍ଟି ରୋକିବା ପାଇଁ ପଦକ୍ଷେପ

**୧୫୬ . ଶ୍ରୀ ସୁରେଶ କୁମାର ରାଉତରାୟ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କୋଭିଡ କଟକଣା ସମୟରେ ଶିଶୁମାନେ ଅପପୃଷ୍ଟିର ଶିକାର ହେବା ସତ୍ୟ କି, ଉତ୍ତର ଯଦି ହଁ ହୁଏ ପ୍ରତିକାର ପାଇଁ ସରକାର କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ?

## ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପ

**୧୫୭ . ଶ୍ରୀ ସୁରେଶ କୁମାର ରାଉତରାୟ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କୋଭିଡ ସମୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବନ୍ଦ ରହିଥିବାରୁ ଦକ୍ଷତା ବିକାଶ ପାଇଁ ପରବର୍ତ୍ତୀ ସମୟରେ ସରକାର କ'ଣ ସ୍ୱତନ୍ତ୍ର ନୀତି ବ୍ୟବସ୍ଥା କରୁଛନ୍ତି, ଦକ୍ଷତା ବିକାଶ କରି କର୍ମ ନିଯୁକ୍ତି ପାଇନଥିବା କିମ୍ବା କୋଭିଡ କଟକଣା ସମୟରେ ନିଯୁକ୍ତି ହରାଇଥିବା ସଂଖ୍ୟା କେତେ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

## S.H.G ମାନଙ୍କୁ ଅନୁଦାନ

**୧୫୮ . ଶ୍ରୀ ପ୍ରଦୀପ କୁମାର ଅମାତ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବୌଦ୍ଧ ଜିଲ୍ଲାର ହରଭଙ୍ଗା ତଥା ବୌଦ୍ଧ Block ଅଧିନରେ ଥିବା କେଉଁ କେଉଁ S.H.G ମାନଙ୍କୁ କି କି ପ୍ରକାର ସରକାରୀ ଅନୁଦାନ ଯୋଗାଇ ଦିଆଯାଇଅଛି, ଉକ୍ତ Block ରେ ଥିବା

S.H.G ମାନଙ୍କ ମଧ୍ୟରୁ କେଉଁ କେଉଁ ମାନେ Bank Loan Avail କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେଉଁ କେଉଁ ମାନେ defaulter ଅଛନ୍ତି ?

**S.H.G ଗଠନ ସମ୍ପର୍କରେ**

**୧୫୯ . ଶ୍ରୀ ପ୍ରଦୀପ କୁମାର ଅମାତ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ସର୍ବମୋଟ କେତେଗୋଟି S.H.G ଗଠନ ହୋଇ registration ହୋଇଅଛି, ବୌଦ୍ଧ ଜିଲ୍ଲାର ହରଭଙ୍ଗା ତଥା ବୌଦ୍ଧ ବ୍ଲକରେ କେଉଁ କେଉଁ ପଞ୍ଚାୟତରେ କେତେ ଲେଖାଏଁ S.H.G ଗଠନ କରାଯାଇଅଛି ଉକ୍ତ S.H. Group ର ନାମ ଏବଂ ଠିକଣା ସମ୍ପର୍କରେ ପଞ୍ଚାୟତ wise ଉପସ୍ଥାପନ କରିବେ କି ?

**ତଳସରାରେ ଥିବା Skill Development Centreର ସଂଖ୍ୟା**

**୧୬୦ . ଶ୍ରୀ ଭବାନୀ ଶଙ୍କର ଭୋଇ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ସୁନ୍ଦରଗଡ ଜିଲ୍ଲାଟି ଶିଳ୍ପ ଓ ଖଣି ଅଞ୍ଚଳ ଅଟେ, ଜିଲ୍ଲାର ତଳସରା ନିର୍ବାଚନ ମଣ୍ଡଳୀରେ ବେକାରୀ ଥିବା ଯୁବକ ଓ ଯୁବତୀ ମାନଙ୍କ ପାଇଁ Skill Development ତରଫରୁ କେତୋଟି Skill Development Centre କରାଯାଇଅଛି ଏବଂ ଆଗାମୀ ଦିନରେ କଣ ଯୋଜନା ଅଛି ଜଣାଇବେ କି ?

**( Computerised By N.I.C  Odisha State Unit and Compiled at O.L.A Computer Center.)**